# ଜିଲ୍ଲାପାଳଙ୍କର ବିଭିନ୍ନ ନିର୍ବାଚନ ସାମଗ୍ରୀ ବିତରଣ କେନ୍ଦ୍ର ଓ ଷ୍ଟ୍ରଙ୍ଗ୍ ରୁମ୍ ପରିଦର୍ଶନ ।

ତ୍ରି ସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ପରିଚାଳନା ନିମନ୍ତେ ନିୟୋଜିତ ପୁଲିଂ ଓ ପ୍ରିଜାଇଡିଂ ଅଫିସରମାନଂକ ଦ୍ୱାରା ଗ୍ରହଣ କରିବାକୁ ଥିବା ନିର୍ବାଚନ ସାମଗ୍ରୀ ବିତରଣ କେନ୍ଦ୍ର ଗୁଡିକୁ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଜି ବୁଲି ପରିଦର୍ଶନ କରିବା ସହ ଷ୍ଟ୍ରଙ୍ଗ୍ ରୁମ୍ ଗୁଡିକର ନିରାପତ୍ତା ସମ୍ପର୍କରେ ଯାଂଚ କରିଥିଲେ । ପୂର୍ବାହ୍ନରେ ଜିଲ୍ଲାପାଳ ପାଲଲହଡା ଓ ବଣ୍ଡରପାଳ ବ୍ଲକର ବିଭିନ୍ନ ନିର୍ବାଚନ ସାମଗ୍ରୀ ବିତରଣ କେନ୍ଦ୍ର ପରିଦର୍ଶନ କରିବା ସହ ଏହାର ପରିଚାଳନା ଓ ଆନୁସଂଗୀକ ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ । ସରକାରଂକ ନିର୍ଦ୍ଦେଶକ୍ରମେ ୧୪ ତାରିଖରେ ସମସ୍ତ ବୁଥ୍ ଗୁଡିକ ଖୋଲାଯାଇ ସଫା ସୁତରା କରାଯିବ ଓ ୧୬ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ସାମଗ୍ରୀ ବିତରଣ କେନ୍ଦ୍ର ଗୁଡିକରେ ବିଭିନ୍ନ କାଉଣ୍ଟର ଖୋଲାଯାଇ ଆନୁସଂଗୀକ ସାମଗ୍ରୀ ଗୁଡିକୁ ଶାନ୍ତି ଓ ଶୃଂଖଳାର ସହିତ ବିତରଣ କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏହାଛଡା ଏହି କେନ୍ଦ୍ର ଗୁଡିକରେ ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ୍ ସେବା ନିରବଛିନ୍ନ ଭାବେ ଉପଲବଧ କରାଇବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି ଭୋଟ ବାକ୍ସଗୁଡିକୁ ସୁରକ୍ଷିତ ଭାବେ ରଖିବା ନିମନ୍ତେ ପ୍ରସ୍ତୁତ ହୋଇଥିବା ଷ୍ଟ୍ରଙ୍ଗ୍ ରୁମ୍ ଗୁଡିକର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଯାଂଚ କରିଥିଲେ । ଏହି ପରିଦର୍ଶନ ସମୟରେ ପାଲଲହଡା ଉପଜିଲ୍ଲାପାଳ ଶ୍ରୀ ଅଜିତ୍ କୁମାର ପ୍ରଧାନଙ୍କ ସମେତ ସମ୍ପୃକ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ନିୟୋଜିତ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତି ରହି ଜିଲ୍ଲାପାଳଂକୁ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।**

ଜ୍ଞାପକ ସଂଖ୍ୟା ୧୦୪ ତା. ୧୧.୦୨.୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


Vivo V17 Pro
48MP AI QUAD CAMERA

